## ସଂକ୍ଷେପରେ

### ନୀଳମାଧବ ନୂତନ ଆନନ୍ଦପୁର ଉପ ଜିଲାପାଳ

ଆନନ୍ଦପୁର,୧୦।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ନୂତନ ଉପ ଜିଲାପାଳ ଭାବେ ସୋମବାର ନୀଳମାଧବ ସୁନା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଉପ ଜିଲାପାଳ ଫଲ୍‌ଗୁନୀ ମାଝୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ବାହାନଗା ବିଡିଓ ଭାବେ କାର୍ଯ୍ୟ କରୁଥିଲେ।



### ଗ୍ୟାସ୍ ସିଲିଣ୍ଡର ଫାଟି ଟାଇଲ ଛପର ଉଡ଼ିଗଲା

ପାଟଣା,୧୦।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମ ପାତ୍ର ସାହିରେ ରବିବାର ବିଳମ୍ବିତ ରାତିରେ ଜଣଙ୍କ ରୋଷେଇ ଘରେ ଗ୍ୟାସ ସିଲିଣ୍ଡର ଫାଟି ଟାଇଲ ଛପର ଉଡ଼ିଯାଇଛି। ରୋଷେଇ ଘରଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଆସବାବପତ୍ର ନଷ୍ଟ ହୋଇଯାଇଛି। ରାମଚନ୍ଦ୍ର ପାତ୍ରଙ୍କ ଘର ଲୋକ ଶୋଇଥିବା ବେଳେ ଅଘଟଣ ଘଟିଥିଲା। ଗ୍ରାମବାସୀ ଓ ପରିବାର ଲୋକେ ନିଆଁକୁ ଆୟତ୍ତ କରିଥିଲେ।

### ଭତ୍ତାରୁ ବଞ୍ଚିତ ବୃଦ୍ଧ ଦମ୍ପତି

ଆନନ୍ଦପୁର/ଘସିପୁରା,୧୦।୩(ସୁଶାନ୍ତ କୁମାର ସାହୁ/ ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ଘସିପୁରା ବ୍ଲକ୍ ଖଲଣା ଗ୍ରାମର ବୃଦ୍ଧ ଦମ୍ପତି କୁନ୍ତଳା ବାରିକ (୬୪) ଓ ରତ୍ନାକର ବାରିକ (୬୮)ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ଆବେଦନ କରି ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ହେଁ ସିରିଏଲ ବାହାନାରେ ଫେରାଦିଆଯାଉଥିବା ଅଭିଯୋଗ କରିଛନ୍ତି। ରତ୍ନାକର ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର। ପରିଣତ ବୟସରେ ବହୁ କଷ୍ଟରେ ଗୁଜୁରାଣ ମେଣ୍ଟାଉଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନାରେ ବାରମ୍ବାର ଆବେଦନ କରିଥିଲେ ମଧ ତାଙ୍କୁ ଏଥିରେ ସାମିଲ କରାଯାଇନାହିଁ। ଭତ୍ତା ମିଳୁ ନ ଥିବାରୁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ‘ଲୋକକଳା ବିଭିନ୍ନତାକୁ ଏକତା ସୂତାରେ ବାନ୍ଧେ’

### ଜିଲାସ୍ତରୀୟ ସାହିତ୍ୟ ସମ୍ବର୍ଦ୍ଧନା ସଭା, ପାଲା ସମ୍ମିଳନୀ

କେନ୍ଦୁଝର,୧୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଲୋକକଳା ସେହି ସୂତ୍ର ଯାହା ସମାଜରେ ଥିବା ବିଭିନ୍ନତାକୁ ଏକତାର ସୂତାରେ ବାନ୍ଧି ରଖେ। ଆମକୁ ଆମର ଅତୀତ ସହିତ ସଂଯୋଗ କରେ। ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ମାର୍ଗଦର୍ଶନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରାତିରେ କେନ୍ଦୁଝର ବନେଇକଳା ଶ୍ରୀ ସତ୍ୟନାରାୟଣ ପାଲା କମିଟି ଦ୍ୱାରା ଆୟୋଜିତ ୪୭ ତମ ଜିଲାସ୍ତରୀୟ ସାହିତ୍ୟ ସମ୍ବର୍ଦ୍ଧନା ସଭା, ପାଲା ସମ୍ମିଳନୀରେ ଯୋଗଦାନ କରି କହିଛନ୍ତି।

କାର୍ଯ୍ୟକ୍ରମରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିକାଲିର ଫେସବୁକ୍, ଏକ୍ସ, ଇନ୍‌ଷ୍ଟାଗ୍ରାମ, ୟୁ ଟ୍ୟୁବ, ନେଟଫ୍ଲିକ୍ସ ଏବଂ ଓଟିଟି ଯୁଗରେ ପାଲାକୁ ବଞ୍ଚେଇକି ରଖିଥିବା ମହାନ ପାଲାକାରଙ୍କୁ ଯେତେ ପ୍ରଶଂସା କଲେ ବି କମ। କଳାକାରଙ୍କୁ ସମର୍ଥନ କରିବା ପାଇଁ କାର୍ଯ୍ୟ ଜାରି ରଖିଛୁ। ପ୍ରତିଭା ପ୍ରଦର୍ଶନ ପାଇଁ ପ୍ଲାଟଫର୍ମ ପ୍ରଦାନ କରିବା ଏବଂ ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଲୋକକଳାକୁ ସାମିଲ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମା’ ତାରିଣୀ ପାଲାକାର ପରିଷଦ ସଭାପତି ରମାକାନ୍ତ ପାତ୍ର, ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଓଡ଼ିଶାର ସଭାପତି ମଦନ ମୋହନ ଜେନା, ମା’ ତାରିଣୀ ପାଲାକାର ପରିଷଦର ସ୍ଥାୟୀ ସଭାପତି ଗାୟକ ଭୂଷଣ ନାରାୟଣ ଚନ୍ଦ୍ର ଦାଶ, ମା’ ତାରିଣୀ ପାଲାକାର ପରିଷଦର ମୁଖ୍ୟ ଉପଦେଷ୍ଟା ଚତୁର୍ଭୁଜ ହୋତା, ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦ ସମ୍ପାଦକ ଗାୟକ ଆନନ୍ଦ ବସନ୍ତ ରାଉତ, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ସ୍ନାୟୁରୋଗ ବିଭାଗ ଉପାଧ୍ୟକ୍ଷ ଡା. ରବିନାରାୟଣ ପଣ୍ଡା, ଆୟୋଜକ କମିଟି ବନେଇକଳା ସଭାପତି ଦାଶରଥି ମହାନ୍ତଙ୍କ ସମେତ କଳା ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ।


ପାଲାକାର କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରାଯାଉଛି।

# ନାରୀ ନିର୍ଯାତନା ବିରୋଧରେ କଂଗ୍ରେସର ବିକ୍ଷୋଭ

କେନ୍ଦୁଝର,୧୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ନାରୀ ନିର୍ଯାତନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳା କଂଗ୍ରେସ, ଯୁବ ଛାତ୍ର କଂଗ୍ରେସ କର୍ମୀମାନେ ପ୍ରତିବାଦ କରି ଭାଜପା ସରକାର ବିରୋଧରେ ନାରାବାଜି ଦେଇଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ାଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ଟାରେ ଜିଲା କଂଗ୍ରେସ କର୍ମୀ କେନ୍ଦୁଝର କଂଗ୍ରେସ ଭବନରୁ ବାହାରି ବଜାର ପରିକ୍ରମା କରିଥିଲେ। ପ୍ରଦେଶ କଂଗ୍ରେସ ଦଳ ପକ୍ଷରୁ ବରିଷ୍ଠ ଉପସଭାପତି ଅଧିବକ୍ତା ଶିବାନନ୍ଦ ରାୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବଜାର ପରିକ୍ରମା ପରେ ଜିଲାପାଳଙ୍କ ଅଫିସ ସାମ୍ନାରେ ପ୍ରତିବାଦ ସଭା ହୋଇଥିଲା। ଜିଲାରୁ ଅଦିବାସୀ ନେତା ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେଲା ପରେ ଜିଲାର ବିକାଶ ବଦଳରେ ବିନାଶ ଆରମ୍ଭ ହୋଇଛି। ଭାଜପା ନେତା ମାଆକୁ ସମ୍ମାନ କହି ସାମାଜିକକର୍ମୀ ରୋଜାଲିନ ସାହୁକୁ ହତ୍ୟା କରିଛନ୍ତି। ଚମ୍ପୁଆରେ ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ରିପୋର୍ଟ ଆସିଲା ହେଲେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି ରାତାରାତି ରିପୋର୍ଟକୁ ନେଗେଟିଭ କରିଦିଆଗଲା। ୮ ମାସର ଭାଜପା ସରକାରରେ ୧୬ ଶହ ନାରୀ ନିର୍ଯାତନା ମାମଲା ଆସିଲାଣି। କେନ୍ଦୁଝର ସହର ଦେଇ ଗୋ ଚାଲାଣ ହେଉଛି। ଅପାରଗ ସରକାରକୁ ସଦବୁଦ୍ଧି ଦେବାକୁ କଂଗ୍ରେସ ଅହରହ ଆନ୍ଦୋଳନ କରିବ ବୋଲି ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ସୁଶ୍ରୀ ସଙ୍ଗୀତା ସିଂହ କହିଥିଲେ। କଂଗ୍ରେସ ନେତା ସଂଗ୍ରାମ ଦାସ, ଜିଲା ସଭାପତି ମୋହନ ଚରଣ ପରିଡା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂହ ଲାଗୁରି, ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ଏମ୍‌ପି ଶକୁନ୍ତଳା ଲାଗୁରି, କଂଗ୍ରେସ ନେତ୍ରୀ ପ୍ରତିଭା ମଞ୍ଜରୀ ନାୟକ, ଜିଲା ଉପ ସଭାପତି ବସନ୍ତ ଦାସ, ବୀରଭଦ୍ର ମହାନ୍ତ, ଶୁଭମ ରାଜ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ୭୬ ଅଭିଯୋଗର ଶୁଣାଣି

ପାଟଣା,୧୦।୩(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୭୬ ଲିଖିତ ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗ ମଧ୍ୟରେ ଝାଟିପଡ଼ା ଗାଁକ ପାନୀୟ ଜଳ ଯୋଗାଣ, କଣ୍ଟିଆପଡ଼ା ଚାଷ ଜମିକୁ ଜଳ ଯୋଗାଣ, ରାସନକାର୍ଡରେ ନାମ ସଂଯୋଗ, ଆବାସ ଯୋଜନା, ଭିନ୍ନକ୍ଷମ, ବିଧବା, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ଆଦି ଅନ୍ତର୍ଭୁକ୍ତ ଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ପ୍ରଧାନ ଅଭିଯୋଗ ଶୁଣାଣି କରିଥିଲେ। ୨ ଦିବ୍ୟାଙ୍ଗଙ୍କୁ ବ୍ୟାଟେରି ଚାଳିତ ଓ ୨ଙ୍କୁ ହୁଇଲଚେୟାର ବଣ୍ଟନ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୁଷଣ, ଆଡିସ୍‌ନାଲ ଏସ୍‌ପି ହରପ୍ରିୟା ନାଏକ, ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ପାତ୍ର, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ଡିଡବ୍ଲ୍ୟୁଓ ପ୍ରବୀର ଦେଓ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଲୀଳାବତୀ ନାୟକ, ଏସ୍‌ଡିପିଓ ଘଟଗାଁ ବିଜୟକୃଷ୍ଣ ମହାପାତ୍ର, ରେଞ୍ଜର ବନବିହାରୀ ସର୍ଦ୍ଦାର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସହକାରୀଯନ୍ତ୍ରୀ ସିଦ୍ଧ ମାଝି, ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ବେହେରା, ଜିପିଡିଓ ରଶ୍ମିରେଖା ମହାନ୍ତି, ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ହୁଇଲ ଚେୟାର ପାଇଥିବା ଦିବ୍ୟାଙ୍ଗ ଓ ପ୍ରଶାସନିକ ଅଧିକାରୀମାନେ।

### ୯ ବାଲି ବୋଝେଇ ଗାଡ଼ି ଜବତ, ୮ ଅଟକ

ଆନନ୍ଦପୁର,୧୦।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ବାଲି ଚୋରାକାରବାର ବହୁ ମାତ୍ରାରେ ବଢ଼ିଯାଇଛି। ବୈତରଣୀ ଓ କୁଶେଇ ନଦୀର ୨୦ରୁ ଊର୍ଦ୍ଧ୍ୱ ବେଆଇନ ବାଲିଘାଟରୁ ଦୈନିକ ଟ୍ରାକ୍ଟର ଓ ହାଇୱାରେ ବାଲି ଚାଲାଣ ହେଉଛି। ବାରମ୍ବାର ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ଖଣି ଓ ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଆନନ୍ଦପୁର, ଘସିପୁରା, ବୀରଗୋବିନ୍ଦପୁର ବୈତରଣୀ ନଦୀ ଓ ଦେଓଗାଁ କୁସେଇ ନଦୀ ଘାଟରେ ଚଢ଼ାଉ କରିଥିଲା। ଏହି ସମୟରେ ଚୋରା ବାଲି ପରିବହନ କରୁଥିବା ୭ ଟ୍ରାକ୍ଟର, ୨ ହାଇୱା ଓ ଜେସିବି ଜବତ କରିଛି। ଘଟଣାରେ ୮ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

# ଚମ୍ପୁଆ ଇରଫାନ ଏକାଦଶ ଚାମ୍ପିୟନ

### ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ

ଯୋଡ଼ା,୧୦।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ଟାଟାଷ୍ଟିଲ କେନ୍ଦ୍ରୀୟ ଖେଳପଡ଼ିଆରେ ଅନୁଷ୍ଠିତ ପ୍ରଥମ ସମର କପ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଯୋଡ଼ା ୟୁଥ୍ ଆସୋସିଏଶନ ଓ ଯୋଡ଼ା କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ମାର୍ଚ୍ଚ ୪ରୁ ଆରମ୍ଭ ହୋଇଥିବା ବେଳେ ରବିବାର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲ ମ୍ୟାଚ ଚମ୍ପୁଆ ଇରଫାନ ଏକାଦଶ ଓ ଯୋଡ଼ା ଶାସ୍ତ୍ରୀନଗର ୟୁଥ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଶାସ୍ତ୍ରୀନଗର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୧୧ ରନ କରିଥିଲା। ଇରଫାନ ଏକାଦଶ ଶେଷ ଓଭରରେ ୧୧୨ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ସମ୍ମାନୀତ ଅତିଥିଭାବେ ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, ଦୀପକ ଶତପଥୀ, ଖବରଦାତା ରମେଶ ମହାପାତ୍ର ଓ ଆସିଫ ଏକବାଲ ଯୋଗ ଦେଇ ଚାମ୍ପିୟନ ଦଳକୁ ନଗଦ ୧ ଲକ୍ଷ ଟଙ୍କା ସହ ଟ୍ରଫି, ରନର୍ସଅପ ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚରେ ସୌମ୍ୟ ରଞ୍ଜନ ରଣା ଓ ସୁଶାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ। ଶିବୁ ବେହେରା, ମନୋଜ ପାତ୍ର ଓ ଅଜୟ ପାତ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅରବିନ୍ଦ ସିଂ ଦେଓ ଧାରାବିବରଣୀ ପ୍ରଦାନ କରିଥିଲେ। ଯୋଡ଼ା ୟୁଥ୍ ଆସୋସିଏଶନ ଓ ଯୋଡ଼ା କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମୟୂରଭଞ୍ଜ

# ୨୪୩ ଫାୟାର ପଏଣ୍ଟରେ ଲିଭିଲାଣି ନିଆଁ

### ବନାଗ୍ନି ନିୟନ୍ତ୍ରଣରେ ବନ ବିଭାଗକୁ ଶତପ୍ରତିଶତ ସଫଳତା

ବାରିପଦା,୧୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସର୍କଲ ଅଧୀନରେ ଥିବା ଶିମିଳିପାଳ ଅଭୟାରଣ୍ୟ ସମେତ ୭ଟି ଡିଭିଜନରେ ଲାଗିଥିବା ନିଆଁକୁ ବନ ବିଭାଗ ପକ୍ଷରୁ ଶତପ୍ରତିଶତ ନିୟନ୍ତ୍ରଣ କରାଯାଇଛି। ଫେବୃଆରୀ ଓ ଚଳିତ ମାର୍ଚ୍ଚ ସୁଦ୍ଧା ବାରିପଦାର ୬ଟି ଡିଭିଜନରେ ମୋଟ ୨୪୩ଟିଫାୟାର ପଏଣ୍ଟକୁକର୍ମଚାରୀମାନେ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ଓଡ଼ିଶା ଫରେଷ୍ଟ ମ୍ୟାନେଜମେଣ୍ଟ ସିଷ୍ଟମର ସୂଚନା ଅନୁଯାୟୀ, ଫେବୃଆରୀ ମାସରେ ବାରିପଦା ଡିଭିଜନରେ ମୋଟ ୬୩ଟି, କରଞ୍ଜିଆ ଡିଭିଜନରେ ୨ଟି, ରାଇରଙ୍ଗପୁରରେ ୫ଟି, ବାଲେଶ୍ୱର ଡିଭିଜନରେ ୧ଟି ଓ କେନ୍ଦୁଝର ଅଭୟାରଣ୍ୟରେ ୫ଟିକୁ ମିଶାଇ ମୋଟ ୭୬ଟି ଫାୟାର ପଏଣ୍ଟ ଚିହ୍ନଟ କରାଯାଇଥିଲା। ସେହିପରି ମାର୍ଚ୍ଚ ୧ରୁ ୧୦ ପର୍ଯ୍ୟନ୍ତ ବାରିପଦା ଡିଭିଜନରେ ୧୪୯ଟି, କରଞ୍ଜିଆରେ ୪ଟି, ରାଇରଙ୍ଗପୁରରେ ୯ଟି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନରେ ୧ଟି, ବାଲେଶ୍ୱର ଡିଭିଜନରେ ୨ଟି ଓ କେନ୍ଦୁଝର ଅଭୟାରଣ୍ୟରେ ୮ଟିକୁ ମିଶାଇ ମୋଟ ୧୬୭ଟି ଫାୟାର ପଏଣ୍ଟ ଚିହ୍ନଟ କରାଯାଇଥିଲା। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଅଦ୍ୟାବଧି ମୋଟ ୩ଟି ଫାୟାର ପଏଣ୍ଟକୁ ଚିହ୍ନଟ କରାଯାଇଛି। ସେଥି ମଧ୍ୟରୁ ରାଇରଙ୍ଗପୁର ଡିଭିଜନରେ ୨ଟି ଓ ଶିମିଳିପାଳ ଉତ୍ତର ଡିଭିଜନରେ ୧ଟି ଫାୟାର ପଏଣ୍ଟକୁ ତୁରନ୍ତ ନିୟନ୍ତ୍ରଣ କରିଥିଲେ। ପ୍ରତିଦିନ ବ୍ଲୋୟାର ମେଶିନ ସାହାଯ୍ୟରେ ଫାୟାର ଲାଇନ ସୃଷ୍ଟି କରାଯାଇ ବନାଗ୍ନି ରୋକିବା ପ୍ରୟାସ ଜାରି ରହିଛି। ବନାଗ୍ନିକୁ ନେଇ ଅଭୟାରଣ୍ୟ ମଧ୍ୟରେ ବସାବାସ କରୁଥିବା ବନବାସୀ ଓ ପାଦଦେଶର ଆଦିବାସୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି। ଅଦ୍ୟାବଧି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବନାଗ୍ନି ରୋକିବାରେ ବନ ବିଭାଗ ସଫଳ ହୋଇଛି। ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ କରାଯାଇ ବନାଗ୍ନିକୁ ପ୍ରଶମିତ କରିବାକୁ ପ୍ରୟାସ ଜାରି ରଖିଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବନାଗ୍ନି ନିୟନ୍ତ୍ରଣରେ ବଡ଼ ଧରଣର ସଫଳତା ମିଳିବ ବୋଲି ବନ ବିଭାଗର ଅଧିକାରୀମାନେ ଆଶାବ୍ୟକ୍ତ କରିଛନ୍ତି। ତେବେ ଅଭୟାରଣ୍ୟରେ ନିଆଁ ଯୋଗୁ ଜୀବଜନ୍ତୁ ବାଟବଣା ହୋଇଥାନ୍ତି। ଶିକାର ଓ ମହୁଲ ସଂଗ୍ରହ ପାଇଁ ଲୋକେ ନିଆଁ ଲଗାଉଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ମନ୍ଦ ଉଦ୍ଦେଶ୍ୟ ରଖି ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ତେବେ ଜିଲାରେ ବର୍ଷା ପରିମାଣ ବୃଦ୍ଧି ପାଇଲେ ଜଙ୍ଗଲକୁ ନିଆଁ ଦାଉରୁ ସମ୍ପୂର୍ଣ୍ଣ ସୁରକ୍ଷା ମିଳିପାରିବ ବୋଲି ଜିଲାବାସୀ ମତପ୍ରକାଶ କରିଛନ୍ତି।

# ୧୨୦ ଅଭିଯୋଗର ହେଲା ଶୁଣାଣି


ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ରାଇରଙ୍ଗପୁର,୧୦।୩(ମାନସ ମହାନ୍ତି)

ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବାମନଘାଟି ଉପ ଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ରବୀନ୍ଦ୍ର କୁମାର ମାର୍ଣ୍ଡି ଓ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୨୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୮ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୨ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ଆପତ୍ତି ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲାପାଳ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଏବଂ ଅନ୍ୟ ଜଣେ ଆବେଦନକାରୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଆପତ୍ତି ଅଭିଯୋଗଗୁଡ଼ିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନ ସମସ୍ତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

# ଅଭିଯୋଗ ଶୁଣାଣି ଶିବିର

ମୋରଡ଼ା,୧୦।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିଟାମାଟିଆ ପଞ୍ଚାୟତ ସରପଞ୍ଚ ବାର୍ସା ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିବ ନାରାୟଣ ସୋରେନ, ପଞ୍ଚାୟତ ଏଡିଇଓ ସବୀର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସିଥିବା ଶତାଧିକ ଲୋକଙ୍କ ନାମ ପଞ୍ଜୀକରଣ କରିଥିଲେ। ସହିପରି ଉକ୍ତ ଶିବିରରେ ଉଦ୍ୟାନ, ପିଡିଏସ୍, ରୁରାଲ ହାଉସିଂ, ଶିକ୍ଷା, ଭତ୍ତା ଓ ସ୍ୱାସ୍ଥ୍ୟ ବିଭାଗ ପ୍ରଭୃତି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିବା ସହିତ ଯଥାଶୀଘ୍ର କିଭଳି ସମାଧାନ ହୋଇ ପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଶିବିରରେ ମୋଟ ୧୯୫ଜଣ ଲୋକ ପଞ୍ଜୀକରଣ କରିଥିଲେ। ତେବେ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗର କୌଣସିଅଧିକାରୀ ଏବଂ ବ୍ଲକର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ନାଏକ, ଜିପିଇଓ ଦାୟିତ୍ୱରେ ଥିବା ପ୍ରସନ୍ନ ମହାନ୍ତ ଉକ୍ତ ଶିବିରରେ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ଦେଖା ଦେଇଥିଲା।


ଶିବିରରେ ଉପସ୍ଥିତ ଅଧିକାରୀ ଓ ଲୋକେ।

# ଡିହିରାକୁଳରେ ଫଗୁଦଶମୀ ଦୋଳଯାତ୍ରା

### ୧୧୩ ବିମାନରେ ମଣ୍ଡପକୁ ବିଜେ କଲେ ରାଧାମାଧବ

ଉଦଳା,୧୦।୩(ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମରେ ଫଗୁ ଦଶମୀ ଦୋଳଯାତ୍ରା ସମ୍ପନ୍ନ ହୋଇଛି। ରବିବାର ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ନାମ ସଂକୀର୍ତ୍ତନ ଶୋଭାଯାତ୍ରାରେ ଭକ୍ତମାନଙ୍କ ଗହଣରେ ଗ୍ରାମର ଇଷ୍ଟ ଦେବ ଗୋପୀନାଥ ଦେବ ସୁସଜ୍ଜିତ ବିମାନରେ ପ୍ରଥମେ ଦୋଳ ମଣ୍ଡପକୁ ବିଜେ କରିଥିଲେ। ଦୋଳ ମଣ୍ଡପରେ ନୀତିକାନ୍ତି ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ପରେ ଶ୍ରୀ ଜୀଉଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଏହା ପରେ ପଡ଼ୋଶୀ ବାଲେଶ୍ୱର ଜିଲାର ନୀଳଗିରି ଏବଂ କପ୍ତିପଦା ଉପଖଣ୍ଡର ବିଭିନ୍ନ ଗ୍ରାମରୁ ବିମାନ ଯୋଗେ ଶ୍ରୀଜୀଉ ଦୋଳ ମଣ୍ଡପରେ ପହଞ୍ଚିଥିଲେ। ସୋମବାର ସକାଳ ୮ଟା ସମୟରେ ଦୋଳ ମଣ୍ଡପଠାରେ ରାହାସ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମ ତଥା ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ଗାୟକ, ମୃଦଙ୍ଗ ବାଦକ ଯୁଗଳ ଦେବଙ୍କ ରାସକୀର୍ତ୍ତନ ଗାନ କରିଥିଲେ। ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁଙ୍କ ଗହଣରେ ଅଭିର ଖେଳ ଅନୁଷ୍ଠିତ ହୋଇଥିଲା। ଦୋଳ କମିଟିର ସଭାପତି ହରେକୃଷ୍ଣ ପୃଷ୍ଟି ଏଥିରେ ସଭାପତିତ୍ୱ କରିଥିଲେ। ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ସହଯୋଗରେ ସମସ୍ତ ଠାକୁର ବିମାନ ବାହକ, ସଂକୀର୍ତ୍ତନ ଓସ୍ତାଦ, ମୃଦଙ୍ଗ ବାଦକ, ସଂକୀର୍ତ୍ତନ ଗାନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଯଥାମାନ୍ୟ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଗ୍ରାମ ମୁଖିଆ ସନ୍ତୋଷ କୁମାର ବେହେରା, ଭୀମ ଚରଣ ପୃଷ୍ଟି, ପଦ୍ମଚରଣ ସାହୁ, ନରେନ୍ଦ୍ର ସାହୁ, ଭିକାରୀ ଚରଣ ପୃଷ୍ଟି, ଭାଗବତ ବେହେରା, ମଧୁସୂଦନ ହାତୀ, ରତିକାନ୍ତ ପାତ୍ରଙ୍କ ସମେତ ଗ୍ରାମର ସମସ୍ତ ମହିଳା, ଯୁବକ ଏକତ୍ରିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ୩ ଦିନ ବ୍ୟାପି ଦୋଳ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ବିଶ୍ୱଜିତ ନାୟକ, ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସମୂହ ଦୋଳ ମଣ୍ଡପକୁ ଯାଇ ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ। ଚଳିତ ବର୍ଷ ସଂକୀର୍ତ୍ତନ ଗାୟକ ଦୋଳଗୋବିନ୍ଦ ପୃଷ୍ଟି, କମଳାକାନ୍ତ ସାହୁ, ରାମଚନ୍ଦ୍ର ପୃଷ୍ଟି, ପ୍ରଦୀପ କୁମାର ବେହେରା ସଂକୀର୍ତ୍ତନ ଗାନ କରି ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲେ।


ଦୋଳ ମଣ୍ଡପଠାରେ ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଉଛି।

# ସରିଲା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା

ବାରିପଦା,୧୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ଏବଂ ସାମାଜିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଚାଲିଥିବା ବଳାଙ୍ଗୀ ମହୋତ୍ସବର ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। କମିଟିର ଯୁବଶାଖା ବଳାଙ୍ଗୀ ସେନା ପକ୍ଷରୁ ୩ଦିନ ଧରି ଚାଲିଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ଜିଲା ପରିକ୍ରମା କରି ରବିବାର ରାତିରେ ବାରିପଦାର ଛଉ ପଡ଼ିଆ ନିକଟରେ ପହଞ୍ଚିଥିଲା। ଉଦ୍‌ଯାପନୀ ଉତ୍ସବରେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ, ସଦସ୍ୟ ଇନ୍ଦୁମତି ମହାନ୍ତି ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମାଟିର ଅସ୍ମିତା ଏବଂ ଐତିହ୍ୟର ସୁରକ୍ଷା ପାଇଁ ବଳାଙ୍ଗୀ ସେନାର ସଂସ୍କୃତି ସୈନିକମାନଙ୍କର ତିନିଦିନ ବ୍ୟାପି ଅକ୍ଳାନ୍ତ ପରିଶ୍ରମକୁ ସାଧୁବାଦ ଜଣାଇଥିଲେ। ଏହି ଜାଗରଣ ଯାତ୍ରାରେ ୪୦ରୁ ଊର୍ଦ୍ଧ୍ୱ ସଂସ୍କୃତି ସୈନିକ ସାମିଲ ହୋଇ ସମଗ୍ର ଜିଲାରେ ୬୫୦ କି.ମି. ପରିକ୍ରମା କରି ସାଂସ୍କୃତିକ ଏବଂ ସାମାଜିକ ସଚେତନତା ସୃଷ୍ଟି କରିଥିଲେ।

## ବିଜୟା ଦଶମୀ ମହୋତ୍ସବ ପାଇଁ ରସିଦ୍ ପୂଜନ



ଧାମନଗର, ୧୦।୩ (ଦେବେନ୍ଦ୍ର ଆଦିଆ)

ଧାମନଗର ଶ୍ରୀରାମ ସମିତି ପକ୍ଷରୁ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ବିଜୟା ଦଶମୀ ମହୋତ୍ସବ-୨୦୨୫ ଏପ୍ରିଲ ୬ରୁ ତିନିଦିନ ଧରି ପାଳନ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନ ୧୧ଟାରେ ଧାମନଗରସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରସିଦ୍ ପୂଜନ କରାଯାଇଛି। ଆଇନଜୀବୀ ବିଜୟ କୁମାର ରାମ, ପ୍ରଶାନ୍ତ ପରିଡ଼ା, ଜଗଦୀଶ ଗୁପ୍ତା, ସାଗର ଚରଣ ସାହୁ, ମହେଶ୍ୱର ସ୍ୱାଇଁ, ଗୟାଧର ବଳ, ବିପିନ ବିହାରୀ ପଣ୍ଡା, ପ୍ରଣୟ ମହାନ୍ତି, ସ୍ୱାଧୀନ ସମ୍ବିତ ଦାଶ, ଉତ୍ତମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କୋଭିଡ୍ ଟଙ୍କାକୁ ନେଇ ଯୁକ୍ତିତର୍କ

ଚାନ୍ଦବାଲି, ୧୦।୩ (କିଷାନ ପାତ୍ର)

### ମିଳିତ ଜନଶୁଣାଣିରେ ୧୨୧ ଅଭିଯୋଗ

- ଦୁର୍ଗା ପଡ଼ିଆରେ ନିର୍ମାଣ କାର୍ଯ୍ୟ ବନ୍ଦ ଦାବି
- ଏସ୍‌ଡିପିଓ, ଆଇଆଇସି ପଦବୀ ଫାଙ୍କା ପଡ଼ିଥିବାରୁ ଅସନ୍ତୋଷ

ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୧ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୮୮ଟି ବ୍ୟକ୍ତିଗତ ଓ ଅବଶିଷ୍ଟ ସାମୂହିକ ଅଭିଯୋଗ ଥିଲା। କୋଭିଡ୍ ସମୟରେ ମାଧପୁର ପଞ୍ଚାୟତରେ ହୋଇଥିବା କ୍ୱାରେଣ୍ଟାଇନ ସେଣ୍ଟର ବାବଦରେ ପୂର୍ବତନ ସରପଞ୍ଚ ତଥା ସମିତିସଭ୍ୟ ସବିତା ବିଶ୍ୱାଳ ବକେୟା ଅର୍ଥ ପାଇ ନ ଥିବା ନେଇ ପୂର୍ବରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏବେସୁଦ୍ଧା ବକେୟା ଅର୍ଥ ପାଇନାହାନ୍ତି ବୋଲି ସେ ସିଡିଓ (ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ) ସରୋଜ କୁମାର ଦତ୍ତଙ୍କୁ କହିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

ଚାନ୍ଦବାଲି ଦୁର୍ଗା ପଡ଼ିଆରେ ଏନ୍‌ଏସି ପକ୍ଷରୁ ଚାଲିଥିବା ପାଚେରି, ଘାସ ଗାଲିଚା, ଗେଟ୍ ନିର୍ମାଣକୁ ବିରୋଧ କରି ଶ୍ରୀକୃଷ୍ଣ କମିଟି ସଦସ୍ୟମାନେ ଏହାକୁ ବନ୍ଦ କରିବା ପାଇଁ ଜିଲାପାଳଙ୍କୁ ଦାବି ଜଣାଇଥିଲେ। ଦୀର୍ଘବର୍ଷ ଧରି ଏଠାରେ ଯାତ୍ରା, ବିଭିନ୍ନ ରାଜନୈତିକ ସଭା, ବିଭିନ୍ନ ସ୍କୁଲର ବାର୍ଷିକ କ୍ରୀଡ଼ା ହେଉଛି। ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରିଦିଆଗଲେ ଚାନ୍ଦବାଲିବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବପରି ଦୁର୍ଗା ପଡ଼ିଆକୁ ମହୋତ୍ସବ ପଡ଼ିଆ ପାଇଁ ଖୋଲା ଛାଡ଼ିଦେବାକୁ ବ୍ରଜସୁନ୍ଦର ମହାନ୍ତି, ଗୋପୀରାମ ଅଗ୍ରୱାଲ, ଅଭିମନ୍ୟୁ ଦାସ, ଦୀପକ ଦାସ, ବିଶ୍ୱନାଥ ସୁତାରଙ୍କ ସମେତ କମିଟି ସଭ୍ୟମାନେ ଦାବି କରିଥିଲେ। ଜିଲାପାଳ ଏନ୍‌ଏସି ଅଧିକାରୀଙ୍କୁ କାଉନସିଲ୍ ବୈଠକ କରି ଏହାକୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚାନ୍ଦବାଲି ଭଳି ଏକ ସମ୍ବେଦନଶୀଳ ଅଞ୍ଚଳରେ ଏସ୍‌ଡିପିଓ ଏବଂ ଆଇଆଇସି ପଦବୀ ଫାଙ୍କା ପଡ଼ିଥିବାରୁ ଚୋରା କୋଇଲା ବ୍ୟବସାୟ ଦିନକୁ ଦିନ ମାତ୍ରାଧିକ ବଢ଼ିବା ସହ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି ବୋଲି ରମାକାନ୍ତ ଭଳ, ଦିଲୀପ ବଳ ପ୍ରମୁଖ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଯୋଜନା ଆନୁକୂଲ୍ୟରେ ୮ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଓ ଦୁଇଜଣଙ୍କୁ ଦୃଷ୍ଟିହୀନ ବାଡ଼ି ବଣ୍ଟନ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଡିଏମ୍‌ଓ ସୁଧାଂଶୁ ଶେଖର ବଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦତ୍ତ, ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ ଓ ବ୍ଲକ ଅଧକ୍ଷା ମିନତି ସୁତାରଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।



ଅଧିକାରୀମାନଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

# ତ୍ୱରାନ୍ୱିତ ହେବ ସମ୍ପ୍ରସାରଣ ପ୍ରକ୍ରିୟା



ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

ଧୁଷୁରୀ, ୧୦।୩ (ଦୀପ୍ତିରଞ୍ଜନ ନାୟକ)

### ଆରଡ଼ି ଆଖଣ୍ଡଳମଣି ପୀଠ

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୀଠରେ ରାସ୍ତାଘାଟ ସଂକୀର୍ଣ୍ଣ ଥିବାରୁ ନାନା ସମସ୍ୟା ଦେଖାଯାଉଥିବା ବେଳେ ପୂର୍ବ ସରକାର ପୀଠ ସମ୍ପ୍ରସାରଣ ପାଇଁ ୪୨ କୋଟି ବ୍ୟୟବରାଦ କରିଥିଲେ। ସେଥିମଧ୍ୟରୁ ୯ ସେବାୟତଙ୍କ ପରିବାରକୁ ପ୍ରାୟ ୯ କୋଟି ଟଙ୍କା ଦିଆଯାଇଥିବା ବେଳେ ଆଉ ୯୪ ପରିବାରକୁ ୧୫ କୋଟି ୬୦ ଲକ୍ଷ ଟଙ୍କା ବାସଗୃହ ଉଚ୍ଛେଦ ଲାଗି ଖର୍ଚ୍ଚ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକ୍ରିୟାକୁ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ କରାଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି।

ସୋମବାର ଅପରାହ୍ନ ୪ଟା ୩୦ରେ ପୀଠରେ ଥିବା ଅତିଥି ଭବନରେ ଆୟୋଜିତ ବୈଠକରେ ଜିଲାପାଳ ଏନେଇ ଗୁରୁତ୍ୱାରୋପ କରିଛନ୍ତି। ଏଥିନିମନ୍ତେ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଉକ୍ତ କମିଟି ପ୍ରତି ୧୫ ଦିନରେ ଥରେ ବସି ଆଲୋଚନା କରାଯିବ ଓ ଉପୁଜୁଥିବା ବିବାଦର ସମାଧାନ କରାଯିବ ବୋଲି ସେବାୟତମାନଙ୍କୁ ନେଇ ଆଲୋଚନା ବେଳେ ଜିଲାପାଳ କହିଛନ୍ତି। ସେବାୟତମାନେ ଜାଗା ଉଚ୍ଛେଦ ପରିବର୍ତ୍ତେ ଜାଗା ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଜିଲାପାଳ ଏହାକୁ ବିଚାରକୁ ନେଇ ସରକାରଙ୍କ ଆଗରେ ସେବାୟତଙ୍କ ଦାବିକୁ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାଶିବରାତ୍ରି ଦିନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୀଠର ଉନ୍ନତି କଳ୍ପେ ପ୍ରଦାନ କରିଥିବା ୧୦ କୋଟି ଅନୁଦାନ ରାଶି ବିନିଯୋଗ କରାଯିବା ଉପରେ ଆଲୋଚନା ହୋଇଥିଲା। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟୀ କଲେକ୍ଟର କାର୍ତ୍ତିକ ମଣ୍ଡଳ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ପୂର୍ବତନ ଆର୍‌ଆଇ ଦେବାଶିଷ ରାୟ, ପୂର୍ତ୍ତ ବିଭାଗ ଏସ୍‌ଇ ପ୍ରସନ୍ନ ଘୋଷ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ଓ ବରିଷ୍ଠ ସେବାୟତମାନେ ବୈଠକରେ ଉପସ୍ଥିତ ଥିଲେ।

# 'ମହିଳା ସଶକ୍ତ ହେଲେ ସମାଜ ଆଗକୁ ବଢ଼ିବ'

ଭଦ୍ରକ, ୧୦।୩ (ରବିନାରାୟଣ ଖିଲାର)

ମହିଳା ସଶକ୍ତ ହେଲେ ହିଁ ସମାଜ ଆଗକୁ ବଢ଼ିବ। ନାରୀ ହେଉଛନ୍ତି ଶକ୍ତିମୟୀ। ସେ ସମ୍ମାନର ଅଧିକାରିଣୀ। ସବୁ କ୍ଷେତ୍ରରେ ନାରୀ ଆଜି ଗୌରବ ଆଣିପାରିଛନ୍ତି ବୋଲି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ କହିଥିଲେ। ଜିଲା ସଂସ୍କୃତି ଭବନରେ ଓଡ଼ିଶା ତେଜସ୍ୱିନୀ ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକା ତଥା ସମାଜସେବୀ ପ୍ରୀତି ରାଉତରାଏ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ବରେଣ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ଭାନୁମତି ମାଟିଆ, ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନା ଦିବସ ପାଳନର ଆଭିମୁଖ୍ୟ କହିଥିଲେ। ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ ପାଠ, ଉପଦେଷ୍ଟା ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ଉପସଭାପତି ଚଇତାଳି ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଆବାହକ ରେଣୁବାଳା ଖିଲାର। ସାଂସ୍କୃତିକ ସମ୍ପାଦିକା ରିଚିସ୍ମିତା ମହାନ୍ତିଙ୍କ ସଂଯୋଜନାରେ ନୃତ୍ୟ ପରିବେଷଣ ହୋଇଥିଲ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଜିଲାପାଳ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ପତ୍ନୀ ତଥା ସାହିତ୍ୟିକା ଓ ସମାଜସେବୀ ପ୍ରୀତି ରାଉତରାଏଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୋଲିସ ଇନ୍ସପେକ୍ଟର ମୋନାଲିସା କର, ସ୍ୱାସ୍ଥ୍ୟସେବିକା ମାନସୀ କୁଅଁର, ନିରୂପମା ଦାଶ, ସୁକାନ୍ତି ବାରିକ, ସ୍ୱର୍ଣ୍ଣଲତା ପତି, ଖବରଦାତା ସଂଯୁକ୍ତା ମହାନ୍ତି, ସୁମତି ପଣ୍ଡା, ଆଇନଜୀବୀ ଅଞ୍ଜୁବାଳା ରାଉତ, ଜଗା ଚାକର ସଂଘର ସଂଯୋଜିକା ସୁପ୍ରଭା ମିଶ୍ର, ଚିତ୍ରଶିଳ୍ପୀ ଅନିମା ପତି, କବୟିତ୍ରୀ ତପସ୍ୱିନୀ ମହାପାତ୍ର ପ୍ରମୁଖଙ୍କ ସମେତ ଭୂମିକନ୍ୟା ମହିଳା ସଙ୍ଗଠନ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମହିଳା ଦିବସ ପାଳନ ଅବସରରେ ସାହିତ୍ୟିକା ପ୍ରୀତି ରାଉତରାଏଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସାଇକେଲରେ କୋଲକାତାରୁ କନ୍ୟାକୁମାରୀ



ସିଆଇଏସ୍‌ଏଫ୍ ଟିମ୍‌କୁ ପୌରପାଳିକା ପକ୍ଷରୁ ସ୍ୱାଗତ କରାଯାଉଛି।

ବାସୁଦେବପୁର, ୧୦।୩ (ନାରାୟଣ ପ୍ରସାଦ ବାରିକ୍)

### ସିଆଇଏସ୍‌ଏଫ୍ ଟିମ୍‌କୁ ସ୍ୱାଗତ ସମ୍ବର୍ଦ୍ଧନା

ସିଆଇଏସ୍‌ଏଫ୍ (କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ)ର ସ୍ୱତନ୍ତ୍ର ଟିମ୍ ସାଇକେଲରେ ରାଲି କରି କୋଲକାତାରୁ ବାହାରି କନ୍ୟାକୁମାରୀ ଅଭିମୁଖେ ଯାଉଛନ୍ତି। ସଚେତନତା ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଏହି ଟିମ୍‌କୁ ସୋମବାର ବାସୁଦେବପୁରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାଇକେଲ ରାଲିରେ ଆସିଥିବା କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ସଦସ୍ୟମାନଙ୍କୁ ବାସୁଦେବପୁର ପୌରପାଳିକା ପକ୍ଷରୁ ପୌରାଧ୍ୟକ୍ଷା ନିବେଦିତା ବେହେରା, ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୌରପାଳିକା କର୍ମଚାରୀ ବାଦଲ ନାୟକ, ବିଶ୍ୱରଞ୍ଜନ ଜେନା, ସୁଶାନ୍ତ ମଲିକ, ଦୁର୍ଗାପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାତିଅଧରେ ଜିଲାପାଳ, ଏସ୍‌ପିଙ୍କ ଚଢ଼ାଉ

ଭଦ୍ରକ, ୧୦।୩ (ସନାତନ ରାଉତ)

### ବେଆଇନ ମାଟି ଖନନ

ଭଦ୍ରକର ଚରମ୍ପା ନିକଟରେ ଯାଇଥିବା ଧାମରା ରେଳ ଲାଇନ କଡ଼ରେ ବେଆଇନ ମାଟି ଖନନ ହେଉଥିବା ସ୍ଥାନରେ ରବିବାର ବିଳମ୍ବିତ ରାତିରେ ଜିଲାପାଳ ଓ ଏସ୍‌ପି ଅତର୍କିତ ଚଢ଼ାଉ କରିଛନ୍ତି। ରାତିଅଧରେ ବେଆଇନ ଭାବେ ମାଟି ଖୋଳାଯାଇ ବିକ୍ରି କରାଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଖଣି ବିଭାଗର ଉପନିର୍ଦ୍ଦେଶକଙ୍କୁ ସାଥୀରେ ନେଇ ମିଳିତ ଭାବେ ଚଢ଼ାଉ କରିଥିଲେ। ଜିଲା ପ୍ରଶାସନର ଗାଡ଼ି ଯାଉଥିବା ଦୂରରୁ ଦେଖି ମାଟି ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଦୁଇଜଣ ଧରାପଡ଼ିଛନ୍ତି। ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ନେଇ ଅଟକ ରଖିଥିବା ବେଳେ ମାଟି ଖୋଳୁଥିବା ମେଶିନ ଓ ଏକ ହାଇୱା ଜବତ କରିଛନ୍ତି। ସ୍ଥାନୀୟ ଲୋକେ ସଚେତନ ହୋଇ ଏପରି ଚୋରା କାରବାର ବିଷୟରେ ପ୍ରଶାସନକୁ ସୂଚନା ଦେଲେ ମାଟି ଖନନକୁ ବନ୍ଦ କରାଯାଇପାରିବ ବୋଲି ଜିଲାପାଳ କହିଛନ୍ତି।

# ଆଖୁଆପଦା ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଣ୍ଡାରିପୋଖରୀ, ୧୦।୩ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ ଆୟୁକ୍ତ ତଥା ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ପ୍ରଫେସର ସୁଧୀର ଜେନା ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ରମେଶ ଚନ୍ଦ୍ର ରାଉତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀର ତରାଇ, ସରପଞ୍ଚ ଦେବଦାସୀ ଜେନା, ଏବିଇଓ ଅକ୍ଷୟ ଜେନା, ସାମାଜିକ କର୍ମୀ ଶରତ ଚନ୍ଦ୍ର ଜେନା, ସିଆର୍‌ସିସି ଦୁର୍ଗାପ୍ରସାଦ ମିର୍ଦ୍ଧା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର ସେଠୀ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟି ସଭାପତି ଅକ୍ଷୟ ଶତପଥୀ, ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଦୀପ୍ତିପ୍ରଭା ବେହୁରିଆ, ମଧୁସ୍ମିତା ପରିଡ଼ା, ଲକ୍ଷ୍ମୀପ୍ରିୟା ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

# ପୋଖରୀରେ ପଡ଼ି ଶିଶୁ ମୃତ

ତିହିଡ଼ି, ୧୦।୩ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ବୋଡ଼କ ପଞ୍ଚାୟତର ଅଣ୍ଡରାଇ ଗ୍ରାମରେ ପୋଖରୀରେ ପଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ କାଁପଡ଼ା ପଞ୍ଚାୟତ ଦପା ଗ୍ରାମର ନାରାୟଣ ଦାସଙ୍କ ପୁଅ ସ୍ୱରାଜ(୪)। ସେ କିଛିଦିନ ପୂର୍ବେ ମା'ଙ୍କ ସହ ମାମୁଘରକୁ ଯାଇଥିଲେ। ରବିବାର ଅପରାହ୍ନରେ ସେ ଖେଳୁଥିବା ସମୟରେ ମାମୁଘର ନିକଟସ୍ଥ ଏକ ପୋଖରୀରେ ପଡ଼ି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବି ସ୍ୱରାଜଙ୍କ ସନ୍ଧାନ ନ ମିଳିବାରୁ ତିହିଡ଼ି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଖୋଜିବା ପରେ ରାତି ୭ଟା ବେଳେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବର୍ଦ୍ଧିତ ଭତ୍ତା ଅପେକ୍ଷାରେ ୭୩୪ ହିତାଧିକାରୀ

ତିହିଡ଼ି, ୧୦।୩ (ସଞ୍ଜିତ ବଳ)

### ପାଇନାହାନ୍ତି ୫୬୦ ବୃଦ୍ଧାବୃଦ୍ଧ, ୧୭୪ ଦିବ୍ୟାଙ୍ଗ

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ୭୩୪ଜଣ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଅପେକ୍ଷାରେ ରହିଛନ୍ତି। ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବାର ୨ମାସ ପୂରିବାକୁ ବସିଥିବା ବେଳେ ବାକି ଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନରେ ବିଳମ୍ବ ଘଟିଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୮୦ବର୍ଷରୁ ଅଧିକ ବୟସର ବୃଦ୍ଧାବୃଦ୍ଧ ଏବଂ ୮୦ ପ୍ରତିଶତ ବା ତା'ଠାରୁ ଅଧିକ ଦିବ୍ୟାଙ୍ଗମାନଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। ତଦନୁଯାୟୀ ଗତ ଜାନୁଆରୀ ୧୫ରେ ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୧୨୯୦ ହିତାଧିକାରୀଙ୍କ ମଧ୍ୟରୁ ୭୩୦ଜଣଙ୍କୁ ବର୍ଦ୍ଧିତ ଭତ୍ତା ଦିଆଯାଇଥିଲା। ସେହିପରି ମୋଟ ୨୪୮ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୭୪ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୫୬୦ଜଣ ୮୦ବର୍ଷୀୟ ଏବଂ ୧୭୪ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଆଜିଯାଏ ବର୍ଦ୍ଧିତ ଭତ୍ତା ମିଳିପାରି ନାହିଁ। ହିତାଧିକାରୀମାନେ ପ୍ରତିଦିନ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ କେବେ ଭତ୍ତା ମିଳିବ ବୋଲି ପଚାରୁଥିଲେ ମଧ୍ୟ ଠିକ୍ ଉତ୍ତର ମିଳୁ ନ ଥିବାରୁ ସେମାନେ ନିରାଶ ହୋଇଛନ୍ତି।

ବ୍ଲକର ବିଭିନ୍ନ ଅଞ୍ଚଳରେ କେତେକ ହିତାଧିକାରୀ ଚଳିବା ପାଇଁ ଭତ୍ତା ଟଙ୍କା ଉପରେ ନିର୍ଭର କରିଥାନ୍ତି। ଭତ୍ତା ଟଙ୍କା ମିଳି ନ ଥିବାରୁ ସେମାନେ ପ୍ରତିଦିନ ବହୁ ସମସ୍ୟାକୁ ସାମ୍ନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବାକିଥିବା ହିତାଧିକାରୀଙ୍କ ପାଇଁ ତୁରନ୍ତ ଭତ୍ତା ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ବାକି ଥିବା ହିତାଧିକାରୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥିବା କହିଛନ୍ତି।

# 'ବାଲିଘାଟରେ ଲଗାଯାଉ ସିସି କ୍ୟାମେରା'

ଭଦ୍ରକ, ୧୦।୩ (ସନାତନ ରାଉତ)

ବୈତରଣୀ ନଦୀର ବାଲି ହଜମ କରିବା ସହଜ ନୁହେଁ ବୋଲି ବରିଷ୍ଠ ଖବରଦାତା ସତ୍ୟପ୍ରକାଶ ନାୟକ କହିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ଭଦ୍ରକ ସହର ବାଇପାସ୍‌ସ୍ଥିତ ବ୍ଲୁ ଭାଇନ ହୋଟେଲ ସମ୍ମିଳନୀ କକ୍ଷରେ ପ୍ରତିବାଦ ସଙ୍ଗଠନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା କହିବା ସହ ଓଡ଼ିଶାରେ ଖଣି ପରେ ସର୍ବାଧିକ ବାଲି ଚୋରି ହେଉଥିବା ଅଭିଯୋଗ କରିଥିଲେ। ବାଲିଘାଟରେ କ୍ୟାମେରା ଲଗାଇବାକୁ ନିୟମ ଥିବାବେଳେ କାହିଁକି ଲଗାଯାଉ ନାହିଁ ବୋଲ ସେ ପ୍ରଶ୍ନ କରିଥିଲେ। କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଡିମିରିଆ, ଅମୃତପୁର, ହାବଳେଶ୍ୱର, ଜମ୍ବରା, ଗିରିଗାଁ, ଗୋବିନ୍ଦପୁର ଆଦି ଘାଟରୁ ପ୍ରତ୍ୟେକ ଦିନ ଭଦ୍ରକ, ବାଲେଶ୍ୱର ଓ ପଶ୍ଚିମବଙ୍ଗକୁ ଶତାଧିକ ଟ୍ରକ୍ ବାଲି ଚୋରା ଚାଲାଣ ହେଉଛି। ଭଦ୍ରକ ଓ କେନ୍ଦୁଝର ଜିଲା ପ୍ରଶାସନ ଏଥିପ୍ରତି ସଜାଗ ହେବା ଆବଶ୍ୟକ। ସରକାର ବାଲି ଚୋରି ରୋକିବାକୁ ଚାହୁଁଥିଲେ, ଏସବୁ ବାଲିଘାଟରେ ୭ ଦିନ ଭିତରେ ସିସିକ୍ୟାମେରା ଲଗାଇବା ସହ ବାଲି ଉତ୍ତୋଳନ କରୁଥିବା ସବୁ ମେଶିନକୁ ସିଜ୍ କରିବାକୁ ସେ ଦାବି କରିଛନ୍ତି। ଆବାହକ ସ୍ମୃତିରଞ୍ଜନ ସ୍ୱାଇଁ କହିଥିଲେ, ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଏହି ସଙ୍ଗଠନ ସମର୍ପିତ। ଟାସ୍କଫୋର୍ସ ଗଠନ କରାଯାଇ ଚୋରା କାରବାର ଉପରେ ଚଢ଼ାଉ କରାଯିବ ବୋଲି କିଛିଦିନ ତଳେ ଭଣ୍ଡାରିପୋଖରୀଠାରେ ବାଲୁକା ବଞ୍ଚାଅ ଅଭିଯାନରେ ଭଦ୍ରକ ଜିଲାପାଳ କହିଥିଲେ। ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ। ବିନା ଟ୍ରାନ୍‌ଜିଟ୍ ପାସ୍‌ରେ ଭଦ୍ରକ-ଆନନ୍ଦପୁର, ବନ୍ତ-ଆଗରପଡ଼ା, ନିଳୋକ-କେନ୍ଦୁଆପଦା ରାସ୍ତାରେ ପ୍ରତ୍ୟେକ ଦିନ ଶତାଧିକ ହାଇୱା ଦ୍ୱାରା ବାଲି ଚାଲାଣ ହେଉଛି। ଏହାଦ୍ୱାରା କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଏସବୁ ଦୁର୍ନୀତି ବିରୋଧରେ ସଂଗ୍ରାମ ପାଇଁ ବନ୍ତରେ ପ୍ରତିବାଦ ସଙ୍ଗଠନ ଗଠନ କରାଯାଇଥିବା ସେ ପ୍ରକାଶ କରିଥିଲେ।



ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ ନାୟକ ଓ ପ୍ରତିବାଦ ସଙ୍ଗଠନ ଆବାହକ ସ୍ମୃତିରଞ୍ଜନ ସ୍ୱାଇଁ।

# ଭେରାଇଟି ଷ୍ଟୋର୍‌ରେ ଅଗ୍ନିକାଣ୍ଡ

### ବାଇକ୍ ସହ ୪ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଗଲା

ବାସୁଦେବପୁର, ୧୦।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ଗଦଳା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଶୋକ ନାୟକଙ୍କ ଭେରାଇଟି ଷ୍ଟୋର୍‌ରେ ଅଗ୍ନିକାଣ୍ଡ ଘଟିଛି। ତାଙ୍କ ଦୋକାନ ସହ ସେଠାରେ ରଖାଯାଇଥିବା ବାଇକ୍ ଜଳି ଯାଇଥିବା ବେଳେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ସବୁକିଛି ପୋଡ଼ି ନଷ୍ଟ ହୋଇଯାଇଥିଲା। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏହି ଅଗ୍ନିକାଣ୍ଡରେ ଅଶୋକ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

# ମହିଳା ହିଂସା ପ୍ରତିବାଦରେ ବିକ୍ଷୋଭ

ଭଦ୍ରକ, ୧୦।୩ (ସନାତନ ରାଉତ)

ରାଜ୍ୟରେ ମହିଳା ହିଂସା ବୃଦ୍ଧି ପାଉଛି। ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୋମବାର ମଧ୍ୟାହ୍ନ ୧୨ଟାରେ ଭଦ୍ରକ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଦଳୀୟ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ବିଧାନସଭା କ୍ଷେତ୍ର ନେତା ଅସିତ୍ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ନଳିନୀକାନ୍ତ ମହାନ୍ତି, ସୁବ୍ରତ ଦାସ, ଅମିୟ ମହାପାତ୍ର, ଟାଉନ ସଭାପତି ମୋକିତ ଖାଁ, ସନିଆ ନନ୍ଦ, ଜିଲା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ଜିଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟରେ ଦିନକୁ ଦିନ ମହିଳା ହିଂସା ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାରେ ୮ ମାସରେ ୧୬ଶହ ନାରୀ ନିର୍ଯାତିତ ହେଲେଣି। ଏହି ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ବେଳେ ନାରୀଙ୍କୁ ନ୍ୟାୟ ଦେଇପାରୁ ନାହାନ୍ତି ବୋଲି କଂଗ୍ରେସ ନେତାମାନେ କହିଥିଲେ। ପରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଗୋ ମାଂସ ସନ୍ଦେହରେ କଣ୍ଟେନର ଅଟକ

ବାହାନଗା, ୧୦।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ପଣପଣା ପଞ୍ଚାୟତ ବାଲେଶ୍ୱର ହାଇୱେ ପେଟ୍ରୋଲ ପମ୍ପ ନିକଟରେ ଗୋମାଂସ ବୋଝେଇ ହୋଇଥିବା ସନ୍ଦେହରେ ଏକ କଣ୍ଟେନରକୁ ଖନ୍ତାପଡ଼ା ଥାନା ପୋଲିସ ଅଟକ ରଖିଥିଲା। ରବିବାର ରାତିରେ କୋଲକାତାରୁ ବାଙ୍ଗାଲୋର ଯାଉଥିବା ଏକ କଣ୍ଟେନର(ନଂ. ଟିଏନ ୧୨-ଏଜେଡ-୮୫୬୯) ପେଟ୍ରୋଲ ପମ୍ପ ନିକଟରେ ଅଟକିଥିଲା। ଖବରପାଇ ଖନ୍ତାପଡ଼ା ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଗୋମାଂସ ସନ୍ଦେହରେ କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭର ନଗେନ୍ଦ୍ରଙ୍କୁ ଅଟକ ରଖିଥିଲା। ଏନେଇ ଖନ୍ତାପଡା ଥାନାରେ ଏକ ମାମଲା(ନଂ.୬୮/୨୫) ରୁଜୁ ହୋଇଛି।

# ମାର୍ଚ୍ଚରେ ୩ ଜିଲାରେ ୬୨ ମାମଲା

ବାଲେଶ୍ୱର, ୧୦।୩(ବାଞ୍ଛାନିଧି ଦେ)

■ ବାଲି ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ

■ ୧୧୭ ଗାଡ଼ି ଜବତ, ୭୩ ଗିରଫ

ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାଞ୍ଚଳ ଡିଆଇଜି ଅଧୀନ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରେ ବେଆଇନ ବାଲି ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଳିତ ମାର୍ଚ୍ଚ ୭ରୁ ୧୦ତାରିଖ ମଧ୍ୟରେ ଏହି ୩ ଜିଲାରେ ବାଲି ଚୋରାଚାଲାଣକାରୀଙ୍କ ବିରୋଧରେ ୬୨ଟି ମାମଲା ରୁଜୁ ହୋଇଛି। ୭୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ୧୧୭ଟି ବାଲି ବୋଝେଇ ଗାଡ଼ି ଜବତ ହୋଇଛି। ବାଲେଶ୍ୱର ଜିଲାରେ ୨୮ଟି ମାମଲା ରୁଜୁ କରାଯାଇ ୩୩ଜଣଙ୍କୁ ଗିରଫ କରାଯାଇଛି। ୬୭ଗାଡ଼ି ଜବତ ହୋଇଥିବା ବେଳେ ଭଦ୍ରକରେ ୭ ମାମଲା, ୨୧ଜଣ ଗିରଫ ଓ ୨୩ ଗାଡ଼ି ଏବଂ ମୟୂରଭଞ୍ଜରେ ୨୭ ମାମଲା, ୧୭ ଗିରଫ ଓ ୨୭ ଗାଡ଼ି ଜବତ ହୋଇଥିବା ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଡିଆଇଜି ଡା. ନାୟକ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ସେହିପରି ୨୦୨୪ରେ ଏହି ୩ଟି ଜିଲାରେ ବେଆଇନ ବାଲିଚାଲାଣ ଘଟଣାରେ ମୋଟ୍ ୬୭୪ଟି ମାମଲା ରୁଜୁ ହୋଇଥିଲା। ୫୩୬ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୭୭୩ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ୮୦୭ ଗାଡି ଜବତ କରାଯାଇଥିଲା। ଏଥିମଧ୍ୟରୁ ବାଲେଶ୍ୱରରେ ୩୨୮ ମାମଲା, ୨୭୮ଜଣ ଗିରଫ ସହ ୪୨୮ଟି ଗାଡ଼ି ଜବତ ହୋଇଛି। ଭଦ୍ରକରେ ୨୩ ମାମଲା, ୯ଜଣଙ୍କୁ ଗିରଫ କରାଯାଇ ୨୪ଟି ଗାଡ଼ି ଜବତ ହୋଇଛି। ମୟୂରଭଞ୍ଜରେ ୩୨୩ଟି ମାମଲା, ୨୪୯ ଜଣ ଗିରଫ ସହ ୩୫୫ଟି ଗାଡ଼ି ଜବତ ହୋଇଥିଲା। ୨୦୨୫ ଜାନୁଆରୀରୁ ଏଯାବତ୍ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ବେଆଇନ ବାଲି ଚାଲାଣ ଘଟଣାରେ ୨୫୮ ମାମଲା ରୁଜୁ ହୋଇଛି। ୧୦୪ଜଣଙ୍କୁ ଗିରଫ କରାଯିବା ସହ ୨୭୩ଜଣଙ୍କୁ ନୋଟିସ୍ ଜାରି ହୋଇଛି। ଏଥିସହ ୩୭୨ଟି ଗାଡ଼ି ଜବତ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଡିଆଇଜି ଡା. ନାୟକ ସୂଚନା ଦେଇଛନ୍ତି।

# ଗାଡ଼ି ଛାଡ଼ି ପଳାଇଲେ ସରପଞ୍ଚ, ସହଯୋଗୀ

ନୀଳଗିରି, ୧୦।୩(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଧୋବଶିଳା ପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଅଧୀନରେ ନୂତନ ଟାଙ୍କି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗତ ୯ ତାରିଖ ରବିବାର ବିଳମ୍ବିତ ରାତିରେ ବଳକା ରହିଥିବା ବାଲି, ଚିପ୍ସ, ଲୁହା ପ୍ଲେଟ ଓ ରଡ୍ ଗୁଡ଼ିକୁ ଚୋରି କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଗାଡ଼ିକୁ ଜବତ କରିବା ସହ ସରପଞ୍ଚ ଓ ତାଙ୍କ ୩ ସହଯୋଗୀଙ୍କୁ ଧରିଥିଲେ। ସେମାନେ କୌଶଳକ୍ରମେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବାଲି, ଚିପ୍ସ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତରିତ କରିଥିବା ବେଳେ ସରପଞ୍ଚଙ୍କ ଅଟୋ(ନଂ. ଓଆର୍‌୦୧-୮୧୮୯)ରେ ପାଇପ ଲୋଡ୍ କରିଥିଲେ। ପରେ ଗ୍ରାମବାସୀଙ୍କ ଦ୍ୱାରା ଉକ୍ତ ଅଟୋକୁ ଅଟକ ରଖାଯାଇଥିଲା। ଏନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ଅଟୋକୁ ସିଜ୍ କରି ତଦନ୍ତ ଜାରି ରଖିଛି।

## ମେଗା ପ୍ରକଳ୍ପ ପାଣି ଟାଙ୍କିରୁ ସାମଗ୍ରୀ ଚୋରି


ଅଟୋରେ ଭର୍ତ୍ତି ହୋଇଥିବା ଚୋରି ସାମଗ୍ରୀ।

# ରାସ୍ତା ଉପରେ ଗରା, ବାଲ୍‌ଟି ରଖି ପ୍ରତିବାଦ


ରାସ୍ତା ଉପରେ ଗରା, ବାଲ୍‌ଟି ରଖି ପ୍ରତିବାଦ କରାଯାଉଛି।

ନୀଳଗିରି, ୧୦।୩(ପ୍ରଶାନ୍ତ ବିଶ୍ୱାଳ)

## ପାନୀୟ ଜଳ ସମସ୍ୟା

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ଜାମୁବଣି ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହାର ପ୍ରତିବାଦ କରି ସୋମବାର ଗ୍ରାମବାସୀ ମିତ୍ରପୁର-ଅଯୋଧ୍ୟା ରାସ୍ତା ନିକଟ ହାଟ ଛକଠାରେ ଗରା, ବାଲ୍‌ଟି ଧରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ବିଭାଗୀୟ ଜେଇ ଶୁଭଲକ୍ଷ୍ମୀ ମହନ୍ତ ଏବଂ ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଗାୟତ୍ରୀ ଶକ୍ତିପୀଠରେ ବାର୍ଷିକ ଉତ୍ସବ

ବାହାନଗା, ୧୦।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅଧୀନ ବଜିପୁର ଗାୟତ୍ରୀ ଶକ୍ତିପୀଠର ୨୫ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଏହି ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହେବ। ଗାୟତ୍ରୀ ମନ୍ଦିରର ଦୁଇ ପାର୍ଶ୍ୱରେ ଦୁଇଟି ମନ୍ଦିର ମଧ୍ୟ ପ୍ରତିଷ୍ଠା ହେଉଛି। ମହାକାଳେଶ୍ୱର ଶିବ ମନ୍ଦିର, ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ମତାଜୀ ଭଗବତୀ ଦେବୀ ଶର୍ମାଙ୍କ ମନ୍ଦିରରେ ମୂର୍ତ୍ତି ସ୍ଥାପନା କରାଯାଇଛି। ପ୍ରଥମ ଦିବସରେ ୧୦୮ କୁଣ୍ଡୀୟ ମଙ୍ଗଳ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଯୋଗ ସଙ୍ଗୀତ ଓ ଭଜନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ମନ୍ଦିର ପ୍ରତିଷ୍ଠା ଓ ପ୍ରାଣ ପ୍ରତିଷ୍ଠା ସହ ରୁଦ୍ରଯଜ୍ଞ ଅନୁଷ୍ଠିତ ହୋଇଛି। ଶେଷ ଦିବସରେ ମଙ୍ଗଳବାର ରକ୍ତଦାନ ଶିବିର, ଆୟୁର୍ବେଦିକ ଚିକିତ୍ସା ଶିବିର, ଶ୍ୱାସରୋଗ ଚିକିତ୍ସା ସହ ପୂର୍ଣ୍ଣାହୂତି ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ 'ସମୟ ସୁଅରେ ଏଇ ସଂସାର' ପିଲାମାନଙ୍କ ଦାରା ଅନୁଷ୍ଠିତ ହେବ। ସମସ୍ତ କାର୍ଯ୍ୟକ୍ରମକୁ ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି।

# ପ୍ରତିଭା ମହୋତ୍ସବ ଉଦ୍‌ଯାପିତ

ଖଇରା, ୧୦।୩(ଉତ୍କଳବନ୍ଧୁ ପଣ୍ଡା)

## ମନକୁ ଛୁଇଁଲା ଶେଷସନ୍ଧ୍ୟାର ପ୍ରତିଭା ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର ଜିଲା ଖଇରାଠାରେ ଚାଲିଥିବା ୨ଦିନିଆ ପ୍ରତିଭା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ସାଙ୍ଗକୁ ଭଳିକି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଅପରାହ୍ନରେ ଜୁନିୟର ସବଜୁନିୟର ସ୍ତରରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଇନ୍ଦୋର ଅହଲ୍ୟା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ଶଶିକାନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତା, ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ବ୍ରଜସୁନ୍ଦର ସ୍ୱାଇଁ, ବିଶିଷ୍ଟ ହୋମିଓପାଥି ଚିକିତ୍ସକ ଡା. ହରେକୃଷ୍ଣ ରାଉତ, ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ଡା. ପ୍ରଭାକର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରୁ ପ୍ରତିଭା ଅନ୍ୱେଷଣ ପ୍ରତିଭା ପରିବାର ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ ଏବଂ ୨୩ ବର୍ଷ ଧରି ସେ କେବେ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ ବୋଲି କହିଥିଲେ। ସଙ୍କୀର୍ତ୍ତନ ପଣ୍ଡା ବେଦପାଠ, ରଘୁନାଥ ପତ୍ରୀ ସମ୍ପାଦକୀୟ ବିବରଣୀ ପାଠ, ସୁରମା ପାଣି ମଞ୍ଚ ପରିଚାଳନା ଓ କୁଞ୍ଜଲତା ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଭାର ଅଧିକାରୀ ଜଳଧର ଦାସ, ଶୁଭମ ଦାସ, ଯୁଧୀଷ୍ଠିର କୁଅଁର, ବିଶ୍ୱବନ୍ଦିତା ତିଆଡ଼ି, କହ୍ନେଇ ଚରଣ ବେହେରା, ସୁଶାନ୍ତ କୁମାର ବେହେରା, ନିର୍ଲିପ୍ତା ସ୍ୱାଇଁ, ସ୍ମୃତିରେଖା ଦାସ, ଚନ୍ଦନ ଶେଖର ଜେନା, ଅର୍ପିତା ନାୟକ, ପ୍ରତିଭା ପ୍ରଧାନ, ଶିଖାସଙ୍ଗୀତା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବେହେରା, କ୍ଷୀରୋଦ କୁମାର ମନ୍ତ୍ରୀ, ସଞ୍ଜୀବ ମହାନ୍ତି, ପବିତ୍ର ଶତପଥୀ, ବିକାଶ ନାୟକ, ରୁଦ୍ରନାରାୟଣ ପରିଡା, ଦେବଜ୍ୟୋତି ରାଉତ, ଦିବ୍ୟଦର୍ଶନ ଦାସ, ଭାସ୍କର ଚନ୍ଦ୍ର ପୃଷ୍ଟି, ସୁକାନ୍ତିମଣି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନ ସଦସ୍ୟ ବିମଳ କୁମାର ଜେନା, ବିଭୂତିଭୂଷଣ ତ୍ରିପାଠୀ, ସୁଲୋଚନା ଭୋଳ, ସ୍ନେହଲତା ପରିଡା, ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ନରେନ୍ଦ୍ର କୁମାର ବେହେରା, ସଞ୍ଜୟ ଭଞ୍ଜରାୟ, ଗଣେଶ ବିଶ୍ୱାଳ, ଚିନ୍ମୟୀ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ରାଜ୍ୟ ସଂସ୍କୃତି ବିଭାଗ ପ୍ରଦତ୍ତ ଖୋର୍ଦ୍ଧାର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଔପଦା ବ୍ରାହ୍ମଣ ସମିତିର ଦଶମ ବାର୍ଷିକ ଉତ୍ସବ

ଔପଦା, ୧୦।୩(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ତଳକିଆ ପଞ୍ଚାୟତରେ ଥିବା ଚନପୁରର ସିଦ୍ଧିପୀଠ ବାନପ୍ରସ୍ଥ ଆଶ୍ରମରେ ଔପଦା ବ୍ରାହ୍ମଣ ସମିତିର ଦଶମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଔପଦା ସମିତି ସଭାପତି ହରିହର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୃଷ୍ଣଚନ୍ଦ୍ର ପତି ଯୋଗଦେଇ ବ୍ରାହ୍ମଣ ସମାଜର ଆବଶ୍ୟକତା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ସମିତିର ସମ୍ପାଦକ ଦୈତାରୀ ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଔପଦା ବ୍ରାହ୍ମଣ ସମାଜକୁ ଗଠନ ସହ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ହରିହର ଦାଶ ଓ ସ୍ତ୍ରୀ ଜୟନ୍ତୀ ଦାଶଙ୍କର ୫୦ ବର୍ଷ ପୂର୍ତ୍ତି ପାଇଁ ବିବାହ ବାର୍ଷିକର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିଲା। ଦାଶଙ୍କ ରଚିତ ପୁସ୍ତକ ନନାଙ୍କ ବସ୍ତାନୀକୁ ଲୋକାର୍ପଣ କରାଯାଇଥିଲା। ଏଥିରେ ଦାଶଙ୍କର ଆତ୍ମୀୟସ୍ୱଜନଙ୍କ ସହିତ ଖଇରା ବ୍ରାହ୍ମଣ ସମିତିର ସମ୍ପାଦକ ରମାକାନ୍ତ ଶତପଥି, ବୁଦ୍ଧିରାମ ପାଣିଗ୍ରାହୀ, ବାସୁଦେବ ପଣ୍ଡା, କବୟିତ୍ରୀ ସୁକାନ୍ତି ପଣ୍ଡା, ଦୀନବନ୍ଧୁ ଦାଶ, ଅଧ୍ୟାପକ ବସନ୍ତ ମଲ୍ଲିକଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ଯକ୍ତି, ଖବରଦାତା ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଫୁଲ୍ଲ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜ ପ୍ରତି ମହିଳାଙ୍କ ଅବଦାନ ଅତୁଳନୀୟ


କୁନି କୁନି ପିଲାମାନଙ୍କୁ ବ୍ୟାଗ୍ ବଣ୍ଟନ କରାଯାଉଛି।

ବାଲେଶ୍ୱର, ୧୦।୩(ବାଞ୍ଛାନିଧି ଦେ)

## ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତିକ ମହିଳା ଦିବସ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତିକ ମହିଳା ଦିବସ ଅବସରରେ ସୋମବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ସମାଜ ପ୍ରତି ମହିଳାଙ୍କ ଅବଦାନ ଅତୁଳନୀୟ, ପ୍ରତ୍ୟେକ କ୍ଷେତ୍ରରେ ମାତୃଶକ୍ତିଙ୍କ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଷ୍ଟ୍ର ତଥା ଜାତିର ବିକାଶ ଘଟିଛି ବୋଲି ବକ୍ତବ୍ୟରେ କହିଥିଲେ। କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ଗତ ୮ତାରିଖରେ ନୀଳଗିରିସ୍ଥିତ କୃଷ୍ଣ ଶୁକରୀ କନ୍ୟାଶ୍ରମ ଓ ବାଲେଶ୍ୱର ସହର ଉପକଣ୍ଠ କରୁଣାଗୌରୀ ଆଶ୍ରୟସ୍ଥଳୀ ପରିଦର୍ଶନ କରି କୁନି କୁନି ପିଲାଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଇଥିଲା। କନ୍ୟାଶ୍ରମର ଛାତ୍ରୀଙ୍କୁ ନିଜର ସୁରକ୍ଷା, ଲିଙ୍ଗଗତ ପ୍ରଭେଦ ଓ ସମାନତା, ସାମାଜିକଦାୟିତ୍ୱ, ଅନ୍ତର୍ଭୁକ୍ତମୂଳକ ପ୍ରଶିକ୍ଷଣ ଓ ଭବିଷ୍ୟତ ଗଠନ ସମ୍ପର୍କରେ ସଚେତନଶୀଳ ବାର୍ତ୍ତା ପ୍ରଦାନ କରାଯାଇଥିଲା। କରୁଣା ଗୌରୀ ଆଶ୍ରୟସ୍ଥଳୀର ପିଲାଙ୍କ ସହ ସେମାନଙ୍କର ରୁଚି, ଜୀବନଶୈଳୀ ଆଦି ବିଷୟରେ ଆଲୋଚନା କରାଯାଇଥିଲା। କୁଳସଚିବ ଦାସ ଓ ପ୍ରଫେସର ବେହେରା ଉପସ୍ଥିତ ରହି ପିଲାମାନଙ୍କୁ ବ୍ୟାଗ ବଣ୍ଟନ କରିଥିଲେ।

# ପରିବହନରେ ଅବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନ

ପାଟଣା, ୧୦।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ଆସୋସିଏଶନ ବନ୍ଦ ରହିଥିବାରୁ ଓଏମସିରୁ ଲୁହା ପଥର ପରିବହନ ବନ୍ଦ ରହିଛି। ଯାହାକୁ ନେଇ ସୋମବାର ପାଟଣା, ତୁରୁମୁଙ୍ଗା, ଷଡ଼ଙ୍ଗୀ, କେନ୍ଦେକପଶି, ଖିରେଇଟାଙ୍ଗିରୀ ଓ ଢେଙ୍କିକୋଟ ଜୋନର ଗାଡି ମାଲିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କେନ୍ଦୁଝର ତୁରୁମୁଙ୍ଗା ୪୯ ନମ୍ବର ଜାତୀୟ ରାଜପଥର ହାତୀବାରୀ ନିକଟରେ ଟ୍ରକ ଅଟକାଇ ଧାରଣାରେ ବସିଛନ୍ତି।

ଅଭିଯୋଗ ଅନୁଯାୟୀ, କେତେଜଣ ଟ୍ରକ ମାଲିକ ଆସୋସିଏଶନ ଜରିଆରେ ପରିବହନ ପାଇଁ ସ୍ୱତନ୍ତ୍ର ଟୋକନ କୋଟା ଦାବି କରି କାର୍ଯ୍ୟାଳୟ ବନ୍ଦ କରି ରଖିଛନ୍ତି। ଟୋକନ ବାହାରି ପାରୁ ନ ଥିବାରୁ ଲୁହାପଥର ପରିବହନ ହୋଇପାରୁନାହିଁ। ଆସୋସିଏଶନ ବନ୍ଦ ସତ୍ତ୍ୱେ କେନ୍ଦୁଝର ଅଞ୍ଚଳର କେତେଜଣ ମାଲିକଙ୍କ ଗାଡି ଗନ୍ଧମାର୍ଦ୍ଦନ ଶୁଆକାଟିରୁ ଲୁହାପଥର ପରିବହନ କରୁଥିବାରୁ ଉକ୍ତ ଗାଡ଼ିଗୁଡ଼ିକୁ ରାଜପଥରେ ଅଟକ ରଖିଛନ୍ତି। ଆସୋସିଏଶନ ବନ୍ଦ ସତ୍ତ୍ୱେ କିଭଳି ଟୋକନ ମିଳୁଛି ତାହାର ତଦନ୍ତ କରି ସମାଧାନ ପାଇଁ ଜିଲାପାଳ, ଏସ୍‌ପି ଓ ପାଟଣା ବିଧାୟକଙ୍କ ନିକଟରେ ଟ୍ରକ ମାଲିକ ଉତ୍ତମ ଖଟୁଆ, ଅଗସ୍ତି ସାହୁ, ଯତୀନ୍ଦ୍ର ଦାଶ, ପ୍ରଦୀପ ସାହୁ, ଅଯୋଧ୍ୟା ପୃଷ୍ଟି, ମଣି ସୁନ୍ଦର ସାହୁ, ହୃଷିକେଶ ମହାନ୍ତ, ତୁଷାର କାନ୍ତ ସାହୁ, ବାବିଲାଲ ସାହୁ ପ୍ରମୁଖ ଦାବି କରିଛନ୍ତି।

# ମୁକୁଳା ପୋଲରୁ ଖସି ବୃଦ୍ଧ ଗୁରୁତର

ଆନନ୍ଦପୁର, ୧୦।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁରର ବ୍ଲକ୍ ତରତରା ପଞ୍ଚାୟତ ତରତରା ଛକଠାରୁ ହାଟଡ଼ିହୀ ବ୍ଲକ୍ ବଞ୍ଚୋରେ ବୈତରଣୀ ନଦୀ ବନ୍ଧକୁ ରାସ୍ତା ସଂଯୋଗ କରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉକ୍ତ ରାସ୍ତାର ବଞ୍ଚୋ ମଝିସାହି ଘାଟ ନିକଟରେ ରାସ୍ତା ଉପରେ ଥିବା ମୁକୁଳା ପୋଲରୁ ଖସି ସୋମବାର ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ବୃଦ୍ଧ ଜଣଙ୍କ ହେଲେ ବଞ୍ଚୋ ଗ୍ରାମର ଗଣେଶ୍ୱର ବିଶାଳ (୭୦)। ସେ ଅପରାହ୍ନ ୧ ଟାରେ ଗ୍ରାମ ଅଭିମୁଖେ ଆସୁଥିବା ସମୟରେ ଅସାବଧାନତା ବଶତଃ ମୁକୁଳା ପୋଲ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋଲରେ ସୁରକ୍ଷା ବାଡା ନ ଥିବାରୁ ସେ ୧୫ ଫୁଟ ରାସ୍ତା ତଳକୁ ଖସିପଡ଼ିଥିଲେ। ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକସ୍ଥିତ ଏକ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୁକୁଳା ପୋଲରେ ଗୃହପାଳିତ ଖସିବା ସହ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ବାରିପଦା, ୧୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ପ୍ରତିବାଦ

ରାଜ୍ୟରେ ନାରୀ ନିର୍ଯାତନା ଓ ସ୍କୁଲ ଛାତ୍ରୀଙ୍କ ଉପରେ ଯୌନ ଶୋଷଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ରୋକିବାରେ ରାଜ୍ୟର ଭାଜପା ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟାରେ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପ୍ରଭାରୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ସହସ୍ରାଧିକ କଂଗ୍ରେସ କର୍ମୀ ଜିଲା ମହକୁମାରେ ଶକ୍ତି ପ୍ରଦର୍ଶନ କରିଥିଲେ।

ରାଜ୍ୟରେ ସରକାର ଗଠନ ପୂର୍ବରୁ ଭାଜପା ମହିଳାଙ୍କ ସୁରକ୍ଷା ଓ ସେମାନଙ୍କ ସାମାଜିକ ସ୍ଥିତିରେ ବିକାଶ ପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରିନାହିଁ। ବଡ଼ ବଡ଼ ଘୋଷଣା କରିଥିବା ଡବଲ ଇଞ୍ଜିନ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ସୁଶ୍ରୀ ସୁଶୀଳା ତିରିଆ, ପୂର୍ବତନ ଜିଲା ସଭାପତି ହେମନ୍ତ ଦାସ, ପ୍ରଭାସ କର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର, ଲମ୍ବୋଦର ସିଂ, ପ୍ରମୋଦ ହେମ୍ବ୍ରମ, ମୁରଲୀ ନାୟକ, ଗୌରୀ ନାୟକ, ଯୋଗେଶ ଅଗ୍ରୱାଲ, ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ଗୋଷାଲ, ଶାନ୍ତନୁ ପାଲ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ମୁରଲୀ ନାଏକ, ପ୍ରମୋଦ ହେମ୍ବ୍ରମ, ଦୁର୍ଗା ଚରଣ ଗୁଡ୍ଡୁ, ମୀନକେତନ ବେହେରା, ଅଂଶୁମାନ ଦାସ, ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର ସମେତ ବିଧାୟକ ପ୍ରାର୍ଥୀ ସମେତ ମହିଳା, ଯୁବ, ଛାତ୍ର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ବିକ୍ଷୋଭ ସମାବେଶରେ କଂଗ୍ରେସ ନେତା ଓ କର୍ମୀମାନେ।

# ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ପୋଲିସ ଅଧିକାରୀ ଓ ବରିଷ୍ଠ ନାଗରିକମାନେ।

ବଉଳା/ଛେନାପଦୀ, ୧୦।୩
(ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ବରିଷ୍ଠ ନାଗରିକ ପରିଷଦର ୫ ତମ ବାର୍ଷିକ ଉତ୍ସବ ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ପରିଷଦ ପକ୍ଷରୁ ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ, ସ୍ୱାସ୍ଥ୍ୟସେବା କରାଯାଇଥିଲା। ପରିଷଦର ସମ୍ପାଦକ ଗୋଲକ ବିହାରୀ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏଫ୍‌ଓଏସ୍‌ସିଏଓର ରାଜ୍ୟ କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି, ସାଧାରଣ ସମ୍ପାଦକ ଏଫ୍‌ଓଏସସିଏଓ ଆରକେ ସାମନ୍ତରାୟ, ନନ୍ଦିପଦା ଥାନ ଅଧିକାରୀ ଆଇପିଏସ ରାକେଶ ସାହୁ, ନନ୍ଦିପଦା ଥାନାର ଆଇଆଇସି ରବିନ୍ଦ୍ର ପାତ୍ର, ପରିଷଦର ସଭାପତି ସାରଙ୍ଗଧର ଜେନା, ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ଏଫ୍‌ଓଏସସିଏଓ ଉପ ସଭାପତି ଅରୁଣ ମହାନ୍ତି, ସଂସଦର ସଭାପତି ସାରଙ୍ଗଧର ଜେନା, ଏସିଏଫ ପ୍ରବିର ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ନୃସିଂହଚରଣ ସେଠୀ, କାମପାଳ ନାୟକ, ଲକ୍ଷ୍ମୀ, ଆଦିକନ୍ଦ ପହି, ଗଣନାଥ ନାୟକ, ମହେନ୍ଦ୍ର ନାୟକ, ରମାନାଥ ମଲ୍ଲିକ, ରବିନ୍ଦ୍ର ଜେନା, ମଦନ ମୋହନ ଆଇଚ, ଅନାଦି ଚରଣ ପହି, ନିରାକାର ପାତ୍ର , ଗୋବିନ୍ଦ ଚନ୍ଦ୍ର ଦାସ, ମଧୁ ସୁଧନ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତାରୋକୋ କଲେ ସରପଞ୍ଚ

ଗୋପବନ୍ଧୁ ନଗର, ୧୦।୩
(ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଅଧୀନ ଡୁକୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ପାର୍ବତୀ ନାଏକ ସୋମବାର ଉଦଳା ଉପଜିଲାପାଳଙ୍କ କାର୍ଯ୍ୟକଳାପ ବିରୋଧରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିଜ ସମର୍ଥକଙ୍କ ସହ ଉଦଳା-ବାରିପଦା ୧୯ନଂ. ରାଜ୍ୟ ରାଜପଥ ଡୁକୁରାଠାରେ ମଧ୍ୟ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଗତ ଡିସେମ୍ବର ୩୦ ତାରିଖରେ ସରପଞ୍ଚ ନାଏକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୪ ଜଣ ୱାର୍ଡମେମ୍ବର କ୍ରମାଗତ ଭାବେ ୫ଟି ବୈଠକରେ ଅନୁପସ୍ଥିତ ଥିବା ନେଇ ଅଭିଯୋଗ କରିଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଅନୁରୋଧ କରିଥିଲେ। ମାତ୍ର ଉପଜିଲାପାଳ ସୁଶାନ୍ତ କୁମାର ବାରିକ ସରପଞ୍ଚଙ୍କ ଅଭିଯୋଗକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ନୋଟିସ ଜାରି କରିଥିଲେ। ଏହାର ପ୍ରତିବାଦରେ ସରପଞ୍ଚ ନାଏକ ସୋମବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସମର୍ଥକଙ୍କ ସହ ଧାରଣାରେ ବସିବା ସହ ରାସ୍ତା ଅବରୋଧ କରିଥିଲେ। ଖୁଣ୍ଟା ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ପାଢ଼ୀ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

